# NATIONAL NEWS BULLETIN (ODIA)

**6 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଏବଂ ଭିଏତନାମ ରାଷ୍ଟ୍ରପତିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଜାରି

- ଆସାମ ମୁଖ୍ୟମନ୍ତ୍ରୀ' ରାଜ୍ୟପାଳଙ୍କୁ ପ୍ରଦାନ କଲେ ଇସ୍ତଫାପତ୍ର

- ପଶ୍ଚିମବଙ୍ଗ ଓ ତାମିଲନାଡୁରେ ନୂତନ ସରକାର ଗଠନ ନେଇ ପ୍ରକ୍ରିୟା ଆରମ୍ଭ

- ଚାଦ୍ ସାମରିକ ଶିବିର ଉପରେ ବୋକୋ ହାରାମ ଉଗ୍ରବାଦୀ ଆକ୍ରମଣରେ ୨୩ ସୁରକ୍ଷା କର୍ମୀ ନିହତ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଅନୁଷ୍ଠିତ ହେବ ମ୍ୟାଚ୍

---

## ପିଏମ୍-ଭିଏତନାମ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଭାରତ ଗସ୍ତରେ ଆସିଥିବା ଭିଏତନାମର ରାଷ୍ଟ୍ରପତି ତୋ ଲାମ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଉଭୟ ପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ଜାରି ରହିଛି । ତୋ ଲାମ୍ ଭାରତକୁ ୩ ଦିନିଆ ଗସ୍ତରେ

ଆସିଛନ୍ତି । ତାଙ୍କୁ ଆଜି ସକାଳେ ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ରାଷ୍ଟ୍ରପତି ଭବନଠାରେ ସ୍ୱାଗତ ଜଣାଇଥିଲେ । ଗତ ଏପ୍ରିଲ୍ ମାସରେ ଭିଏତନାମର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ତୋ ଲାମଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ତୋ ଲାମ୍ ଆଜି ବିଶ୍ୱ ବ୍ୟାପାର ସଂପର୍କିତ ଭାରତୀୟ ପରିଷଦ ଦ୍ୱାରା ଆୟୋଜିତ ୫୬ତମ ସାପ୍ରୁ ହାଉସ୍ ବକ୍ତୃତା ପ୍ରଦାନ କରିବେ ।

## ପିଏମ୍ ମୋଦୀ ହେଲ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୬ଟି ସହରରେ ଯୋଗାଯୋଗ ବୃଦ୍ଧି କରିବା ନେଇ ମଂଜୁର ହୋଇଥିବା ରେଳ ପ୍ରକଳ୍ପକୁ ପ୍ରଶଂସା କରିଛନ୍ତି । ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାର ୧୯ଟି ଜିଲ୍ଲାରେ ରେଳ ପ୍ରକଳ୍ପ ନେଇ କ୍ୟାବିନେଟ୍ ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ସ୍ୱାଗତ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ଦେଶରେ ଯୋଗାଯୋଗ ତ୍ୱରାନ୍ୱିତ ହେବ ଏବଂ ରେଳ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ । ଦେଶର ଭିତ୍ତିଭୂମି ଏବଂ ଅର୍ଥନୈତିକ ବିକାଶ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହା ଦ୍ୱାରା ମଧ୍ୟ ଦେଶରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଘଟିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସିଏମ୍-ହେମନ୍ତ

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଜି ଗୌହାଟୀସ୍ଥିତ ରାଜଭବନଠାରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ତାଙ୍କର

ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଏହି ଇସ୍ତଫା ପ୍ରଦାନ ଦ୍ୱାରା ରାଜ୍ୟରେ ନୂତନ ସରକାର ଗଠନ ପ୍ରକ୍ରିୟା ଆଗେଇବ । ଆସାମର ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରାଗ ଗୋଏଲ ରାଜ୍ୟପାଳଙ୍କୁ ଆସାମ ବିଧାନସଭା ନିର୍ବାଚନର ଫଳାଫଳ ଗତକାଲି ପ୍ରଦାନ କରିଥିଲେ ଏବଂ ରାଜ୍ୟ ବିଧାନସଭା ଲାଗି ନୂତନ ଭାବେ ନିର୍ବାଚିତ ସଦସ୍ୟମାନଙ୍କର ନାମତାଲିକା ପ୍ରଦାନ କରିଥିଲେ । ସମ୍ପ୍ରତି ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଏନଡିଏ ୧୨୬ଟି ଆସନରୁ ୧୦୨ଟି ଆସନରେ ବିଜୟଲାଭ କରିଛି। ବିଜେପି ସଂଖ୍ୟାଗରିଷ୍ଠ ଦଳ ଭାବେ ୮୨ଟି ଆସନ ଲାଭ କରିଛି । ଅନ୍ୟପକ୍ଷରେ ଏହାର ସହଯୋଗୀ ଦଳ ବୋଡୋଲ୍ୟାଣ୍ଡ ପିପୁଲ୍‌ସ ଫ୍ରଣ୍ଟ ଓ ଆସାମ ଗଣପରିଷଦ ୧୦ଟି ଲେଖାଏଁ ଆସନ ଜିତିଛନ୍ତି । କଂଗ୍ରେସ ମାତ୍ର ୧୯ଟି ଆସନ ଅକ୍ତିଆର କରିଛି ।

ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ଶର୍ମା କହିଛନ୍ତି, ରାଜ୍ୟପାଳ ମନ୍ତ୍ରୀମଣ୍ଡଳର ଇସ୍ତଫା ଗ୍ରହଣ କରିବା ସହ ସାଂପ୍ରତିକ ରାଜ୍ୟ ବିଧାନସଭାକୁ ଭଙ୍ଗ କରିଛନ୍ତି । ରାଜ୍ୟପାଳ ମନ୍ତ୍ରିମଣ୍ଡଳଙ୍କୁ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ ସରକାରରେ ସହଯୋଗ କରିବା ଲାଗି କହିଛନ୍ତି । ମଇ ୧୧ ତାରିଖ ପରେ ରାଜ୍ୟରେ ନୂଆ ସରକାରଙ୍କ ଶପଥଗ୍ରହଣ ସମାରୋହ ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ନିମନ୍ତ୍ରଣ କରାଯାଇଛି । ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବା ସଂପର୍କରେ ସେ ମତ ଦେଇ କହିଛନ୍ତି, ବିଜେପି ବିଧାୟକ ଦଳ ନେତୃତ୍ୱ ଏ ସଂପର୍କରେ ନିଷ୍ପତ୍ତି ନେବ । ସେ କହିଛନ୍ତି, ସମସ୍ତ ପ୍ରକ୍ରିୟା ଅନୁଧ୍ୟାନ କରିବା ଲାଗି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ନିଷ୍ପତ୍ତି

ଚୂଡ଼ାନ୍ତ ହେଲା ପରେ ଏନଡିଏ ପକ୍ଷରୁ ରାଜ୍ୟପାଳଙ୍କ ନିକଟରେ ସରକାର ଗଠନ ନେଇ ଦାବି ଉପସ୍ଥାପନ କରାଯିବ ।

## ଶାହା-ଡବ୍ଲୁବି

ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ନେଇ ରାଜନୈତିକ ପ୍ରକ୍ରିୟା ଆରମ୍ଭ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି କୋଲକାତାଠାରେ ପହଞ୍ଚିବେ ଏବଂ ନବନିର୍ବାଚିତ ବିଧାୟକଙ୍କ ସହ ବୈଠକ କରିବା ସହ ବିଜେପି ବିଧାୟକ ଦଳର ନେତାଙ୍କ ନାମ ଘୋଷଣା କରିବାର ସମ୍ଭାବନା ରହିଛି । ଏହାପରେ ରାଜ୍ୟରେ ଶପଥଗ୍ରହଣ ସମାରୋହ ତାରିଖ ଘୋଷଣା କରାଯିବ । ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରଓ୍ୱାଲ ଏବଂ ନିର୍ବାଚନ ଆୟୋଗର ପ୍ରତିନିଧିମାନେ ଆଜି ରାଜ୍ୟପାଳଙ୍କୁ ଭେଟି ୨୯୩ ବିଧାନସଭା ଆସନ ବିଶିଷ୍ଟ ଭୋଟ୍ ଫଳାଫଳ ପ୍ରଦାନ କରିଥିଲେ। ସରକାରୀ ଭାବେ ନିର୍ବାଚନ ଫଳାଫଳ ରାଜ୍ୟପାଳ ଗ୍ରହଣ କରିବା ପରେ ନୂତନ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହେବ। ନୂତନ ସରକାର ଗଠନ ହେବା ପର୍ଯ୍ୟନ୍ତ ରାଜ୍ୟରେ ମଧ୍ୟବର୍ତ୍ତୀକାଳୀନ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ ସଂପର୍କରେ ରାଜ୍ୟପାଳ ଆଜି ନିଷ୍ପତ୍ତି ନେବାର ସମ୍ଭାବନା ରହିଛି ।

## ଟିଏନ୍-ଇଲେକ୍ସନ ଷ୍ଟାଟସ୍

ତାମିଲନାଡୁରେ ସି ଯୋଶେଫ୍ ବିଜୟଙ୍କ ନେତୃତ୍ୱରେ ଗଠିତ ଟିଭିକେ ଦଳ ନୂତନ ସରକାର ଗଠନ ନେଇ ରାଜନୈତିକ ପ୍ରକ୍ରିୟା ସରଗରମ ହୋଇଛି । ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଆଜି ଅପରାହ୍ନରେ ଚେନ୍ନାଇଠାରେ ପହଞ୍ଚିବା ପରେ ଏ ଦିଗରେ ପରବର୍ତ୍ତୀ

ପଦକ୍ଷେପ ଗ୍ରହଣ କରାଯିବ । ଟିଭିକେ ମୁଖ୍ୟ ବିଜୟ ରାଜ୍ୟପାଳଙ୍କ ସହ ସରକାର ଗଠନ ନେଇ ଆଲୋଚନା କରିବାର ସମ୍ଭାବନା ରହିଛି ।

ତାମିଲନାଡୁ ବିଧାନସଭା ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଟିଭିକେ ୧୦୮ଟି ଆସନ ଲାଭ କରିଛି । ବିଧାନସଭାରେ ସଂଖ୍ୟାଗରିଷ୍ଠତା ୧୧୮ଟି ଆସନ ପାଇଁ ଆଉ ମାତ୍ର ୧୧ ଜଣ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଟିଭିକେ' କଂଗ୍ରେସ ସମେତ ଅନ୍ୟାନ୍ୟ ଦଳ ସହିତ ଆଲୋଚନା ଜାରି ରଖିଛି । କଂଗ୍ରେସ ମୁଖପାତ୍ର ଗିରିଶ ଚୋଦଙ୍କର କହିଛନ୍ତି, ଟିଭିକେକୁ ସମର୍ଥନ ପାଇଁ ତାଙ୍କ ଦଳର ବୈଠକ ପରେ ନିଷ୍ପତ୍ତି ନିଆଯିବ । ସେହିପରି ଏଆଇଏଡିଏମକେରୁ ବିଜୟୀ ହୋଇଥିବା ଲିମାରୋଜ୍ କହିଛନ୍ତି, ଟିଭିକେକୁ ସମର୍ଥନ ଜଣାଇବା ଲାଗି ତାଙ୍କ ଦଳରେ ଆଲୋଚନା ଚାଲିଛି ।

## ବିଜେପି ସ୍ଲାମ୍ସ

ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଥିବାରୁ ବିଜେପି ତାହାର ଦୃଢ଼ ନିନ୍ଦା କରିଛି । ଏହା ଗଣତନ୍ତ୍ର ଏବଂ ସମ୍ବିଧାନ ପ୍ରତି ଆକ୍ରମଣ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ଭାରତ ହେଉଛି ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଏଠାରେ ଗଣତନ୍ତ୍ରକୁ ସର୍ବଦା ସମ୍ମାନ ପ୍ରଦର୍ଶନ କରାଯାଇଥାଏ ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଥିବାରୁ ଏହାର ପ୍ରତିକ୍ରିୟାରେ ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ସେ ଏପରି ନିଷ୍ପତ୍ତିରୁ ଓହରିଯିବା ଉଚିତ । ଦେଶର ଗଣତନ୍ତ୍ର ପ୍ରକ୍ରିୟାରେ ସର୍ବଦା କ୍ଷମତାର ପରିବର୍ତ୍ତନକୁ ଗ୍ରହଣ କରାଯାଇଥାଏ

ବୋଲି ଶ୍ରୀ ପାତ୍ର କହିଛନ୍ତି । ଏହା ବିଜେପି ପ୍ରତି ଆକ୍ରମଣ ନୁହେଁ, ବରଂ ଗଣତନ୍ତ୍ର ଏବଂ ସମ୍ବିଧାନ ପ୍ରତି ଆକ୍ରମଣ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ  ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି । ମମତା ବାନାର୍ଜୀ ରାଜ୍ୟପାଳଙ୍କୁ ତାଙ୍କର ଇସ୍ତଫାପତ୍ର ଦେବେ ନାହିଁ ବୋଲି ଜଣାଇବା ପରେ ସେ ଏହା କହିଛନ୍ତି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ପ୍ରଧାନ କହିଛନ୍ତି, ଜନସାଧାରଣଙ୍କ ମତାମତକୁ ମମତା ବାନାର୍ଜୀ ଗ୍ରହଣ କରିପାରୁ ନାହାନ୍ତି । ସେ ଜନସାଧାରଣଙ୍କ ମତକୁ କେବଳ ଅଗ୍ରାହ୍ୟ କରୁଛନ୍ତି ତାହା ନୁହେଁ, ବରଂ ନିର୍ବାଚନ ଆୟୋଗ ଏବଂ ସୁରକ୍ଷା କର୍ମଚାରୀଙ୍କୁ ମଧ୍ୟ ସମାଲୋଚନା କରୁଥିବା ଶ୍ରୀ ପ୍ରଧାନ କହିଛନ୍ତି ।

## ଚାଡ-ବୋକହାରାମ

କେନ୍ଦ୍ରୀୟ ଆଫ୍ରିକୀୟ ରାଷ୍ଟ୍ର ଚାଦ୍‌ର ସାମରିକ ଶିବିର ଉପରେ ବୋକ ହାରାମ ଉଗ୍ରବାଦୀଙ୍କ ଆକ୍ରମଣଫଳରେ ୨୩ ଜଣ ସୁରକ୍ଷା କର୍ମଚାରୀ ନିହତ ହୋଇଛନ୍ତି । ଏହି ଆକ୍ରମଣରେ ବହୁ ସଂଖ୍ୟାରେ ଚାଦିୟାନ୍ ସୈନ୍ୟ ଆହତ ହୋଇଛନ୍ତି । ଚାଦ୍ ହ୍ରଦ କୂଳରେ ଅବସ୍ଥିତ ଶିବିର ଉପରେ ସୋମବାର ରାତିରେ ଆକ୍ରମଣ କରାଯାଇଥିଲା । ଜାତିସଂଘରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଏହି ସନ୍ତ୍ରାସବାଦୀ ଗୋଷ୍ଠୀ ପକ୍ଷରୁ ବହୁସଂଖ୍ୟାରେ ଲୋକମାନଙ୍କୁ ଆକ୍ରମଣ କରାଯାଇଥିଲା । ଏହାଦ୍ୱାରା ବହୁଲୋକ ମଧ୍ୟ ସ୍ଥାନଚ୍ୟୁତ ହୋଇଛନ୍ତି । ନିକଟ ବର୍ଷରେ ବୋକ ହାରାମ ଉଗ୍ରବାଦୀ ଗୋଷ୍ଠୀ ବହୁ ଅପହରଣ ସହ ଆକ୍ରମଣ ଘଟଣା ସଂପୃକ୍ତ ଥିବା ସୂଚନା ମିଳିଛି । ୨୦୨୪ ମସିହା ଅକ୍ଟୋବରରେ ଏହି ଗୋଷ୍ଠୀ ପକ୍ଷରୁ

କରାଯାଇଥିବା ଆକ୍ରମଣ  ଫଳରେ ୪୦ ଜଣ ଚାଦିଆନ୍ ସୈନ୍ୟ ନିହତ ହୋଇଥିଲେ ।

## ରୁଷ-ୟୁକ୍ରେନ୍ ଆଟାକ୍

ରୁଷ ପକ୍ଷରୁ ଗତକାଲି ରାତିସାରା ଆକାଶମାର୍ଗରୁ ଆକ୍ରମଣ ପରେ ୟୁକ୍ରେନ୍‌ର ୨୭ ଜଣ ଲୋକ ନିହତ ହୋଇଛନ୍ତି ଏବଂ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ୟୁକ୍ରେନ୍‌ର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିୟାନ୍ ଅଭିଯୋଗ କରି କହିଛନ୍ତି, ମସ୍କୋ ପକ୍ଷରୁ ଏହି ଆକ୍ରମଣ କରାଯାଇଛି । ଜାପୋରଝିଆରେ ବୋମା ଆକ୍ରମଣରେ ୧୨ ଜଣ ଲୋକ ନିହତ ହୋଇଛନ୍ତି । ସେହିପରି କ୍ରାମାଟୋର୍ସନିପ୍ରୋ ଏବଂ ପୋଲ୍‌ଟାଭା ଅଞ୍ଚଳରେ ବହୁ ସଂଖ୍ୟାରେ ଲୋକ ଆହତ ହୋଇଥିବା ସୂଚନା ମିଳିଛି ।

ଅନ୍ୟପକ୍ଷରେ ଜାତିସଂଘ ପକ୍ଷରୁ ଉଭୟ ରାଷ୍ଟ୍ରକୁ ଯୁଦ୍ଧବିରତି ପାଇଁ କୁହାଯାଇଛି ।

## ଇରାନ-ଫାୟାର

ଇରାନର ତେହରାନଠାରେ ଏକ  ସପିଙ୍ଗ୍‌ମଲ୍‌ରେ ଅଗ୍ନିକାଣ୍ଡ ଘଟି ୮ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୨୬ ଜଣ ଆହତ ହୋଇଛନ୍ତି । ତେହେରାନ ପ୍ରଦେଶର ଆଣ୍ଡିସେ ସହରରେ ଅବସ୍ଥିତ ଆଗ୍ରାବନ ସପିଙ୍ଗମଲଲ୍‌ରେ ଗତକାଲି ନିଆଁ ଲାଗିଥିଲା । ଅଗ୍ନିକାଣ୍ଡର କାରଣ ସଂପର୍କରେ ସ୍ପଷ୍ଟ ଜଣାପଡ଼ି ନାହିଁ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ' ଦିଲ୍ଲୀ କ୍ୟାପିଟାଲ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା । ଏହାର ଜବାବରେ

୧୫୬ ରନ୍ ବିଜୟଲକ୍ଷ୍ୟର ପିଛା କରି ଚେନ୍ନାଇ ସୁପର୍‌କିଙ୍ଗସ ୧୭ ଓଭର ଓ ୩ଟି ବଲ୍‌ରେ ୨ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା । ଦଳ ପକ୍ଷରୁ ସଞ୍ଜୁ ସାମସନ ଅପରାଜିତ ୮୭ ରନ୍ କରିବା ସହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।